ମୁମ୍ବାଇ ଇଣ୍ଡିଆନସର ପ୍ଲେ-ଅଫ୍ ଆଶା ଧୂଳିସାତ୍

ନୂଆଦିଲ୍ଲୀ,୯।୫(ଏଜେନ୍ସି): ଆଇପିଏଲ୍ ୨୦୨୪ ପ୍ଲେଅଫ୍ ଦୌଡ଼ରୁ ୫ ଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ବାଦ୍ ପଡ଼ିଛି। । ବେଳେ ଚଳିତ ସିଜିନରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାମୁମ୍ବାଇ ଇଣ୍ଡିଆନ୍ସ ହେଉଛି ପ୍ରଥମ ଦଳ ।ସମସ୍ତ ଉଦ୍ୟମ ସତ୍ତ୍ୱେ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନଥିବାରୁ କ୍ରମାଗତ ପରାଜୟ ଫଳରେ ପ୍ଲେ-ଅଫରେ ସ୍ଥାନ ପାଇବାର ଆଶା ଧୂଳିସାତ ହୋଇଯାଇଛି। ହାଇଦ୍ରାବାଦରେ ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୧୦ ୱିକେଟରେ ପରାସ୍ତ କରିବା ପରେ ମୁମ୍ବାଇର ଭାଗ୍ୟ ସ୍ଥିର ହୋଇଥିଲା।ଓପନର ଟ୍ରାଭିସ୍ ହେଡ ଓ ଅଭିଶେକ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ୱିକେଟ୍ ଭାଗୀଦାରିରେ ମାତ୍ର ୯.୪ ଓଭରରେ ୧୬୬ ରନର ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଏହା ପୂର୍ବରୁ ଆୟୁଷ ବଦୋନିଙ୍କ ଅପରାଜିତ ଅର୍ଦ୍ଧଶତକ ଯୋଗୁଁ ଧିମା ପିଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ୪ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା।ମୁମ୍ବାଇ ଇଣ୍ଡିଆନ୍ସ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ ଖେଳି ୮ ପରାଜୟ ବରଣ କରିଛି। ଅବଶିଷ୍ଟ ଦୁଇଟି ମ୍ୟାଚରେ ବିଜୟ ହାସଲ କଲେ ମଧ୍ୟ ସର୍ବାଧିକ ୧୨ ପଏଣ୍ଟ ହାସଲ କରିପାରିବ। ୫ ଥରର ଚାମ୍ପିୟନ ଦଳ ଚଳିତ ଆଇପିଏଲରେ ପ୍ଲେଅଫ୍ ଦୌଡ଼ରୁ ବିଦାୟ ନେବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। କାରଣ ଏହା ବାକି ମ୍ୟାଚ ଏବଂ ଅନ୍ୟ ଦଳମାନଙ୍କ ମଧ୍ୟରେ ଶୀର୍ଷ ୪ ସ୍ଥାନ ପାଇଁ ଲଢ଼େଇର ସୂତ୍ର ନିର୍ଦ୍ଧାରଣ କରିଥାଏ।ମୁମ୍ବାଇ ଇଣ୍ଡିଆନ୍ସ ଆଗାମୀ ମୁକାବିଲାରେ ଆଇକନିକ୍ ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସକୁ ଭେଟିବାକୁ ପ୍ରସ୍ତୁତ ହେଉଥିବା ବେଳେ କଡ଼ା ମୁକାବିଲାର ସମ୍ମୁଖୀନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପରେ ସେମାନେ ମେ ୧୭ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ସିଜନ ଶେଷ କରିବେ। ଯଦିଓ ଯଶପ୍ରୀତ ବୁମ୍ରା ତାଙ୍କ ବୋଲିଂ ପ୍ରଦର୍ଶନରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି, ତଥାପି ବ୍ୟାଟିଂ ଟିମ୍ ସମଗ୍ର ଟୁର୍ଣ୍ଣାମେଣ୍ଟରେ ନିଜର ଲୟ ଏବଂ ନିରନ୍ତରତା ଖୋଜିବା ପାଇଁ ସଂଘର୍ଷ କରୁଛି।ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଅଧିନାୟକ ଭାବେ ହାର୍ଦ୍ଦିକଙ୍କ ଡେବ୍ୟୁ ସିଜନରେ ଦଳ ଆଶାଠାରୁ କମ୍ ରହି ମାତ୍ର ୪ଟି ମ୍ୟାଚରେ ବିଜୟ ହାସଲ କରିବାରେ ସକ୍ଷମ ହୋଇଛି। ଇଣ୍ଡିଆନ୍ ପ୍ରିମିୟର ଲିଗରେ ମୁମ୍ବାଇ ଇଣ୍ଡିଆନ୍ସର ଅତୀତର ସଫଳତା ଯୋଗୁଁ ପ୍ରଶଂସକମାନେ ଏଥର ଅଧିକ ନିରାଶ ହୋଇଛନ୍ତି।

ବାଂଲାଦେଶ ବିପକ୍ଷରେ ଭାରତ ୫-୦ରେ ସିରିଜ ବିଜୟୀ

ସିଲ୍ହେଟ୍,୯।୫(ଏଜେନ୍ସି): ସ୍ଥାନୀୟ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୨୧ରନରେ ବିଜୟ ହାସଲ କରିବା ସହ ୫ମ୍ୟାଚ ବିଶିଷ୍ଟ ସିରିଜ ୫-୦ରେ ଜିତି ନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ୫ଉଇକେଟ ବିନିମୟରେ ୧୫୬ରନ କରିଥିଲାଛ ଜବାବରେ ଘରୋଇ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିବାରେ ସମର୍ଥ ହୋଇଥିଲା।ଭାରତୀୟ ଇନିଂସରେ ବିଲମ୍ୟରେ ରିଚା ଘୋଷଙ୍କ ବିସ୍ଫୋରକ ଅପରାଜିତ ୨୮ ରନ ଅନ୍ୟତମ। ସେ ୧୭ଟି ବ୍ଲର ସମ୍ମୁଖୀନ ହୋଇ ୩ ଛକା ଓ ଗୋଟିଏ ଚୌକା ମାରିଥିଲେ। ପୂର୍ବରୁ ଦୟାଲାନ ହେମଲତା (୩୭) ଓ ଅଧିନାୟିକା ହରମନପ୍ରୀତ କୌର (୩୦) ତୃତୀୟ ଉଇକେଟରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୬୦ରନ ଯୋଗ କରିଥିଲେଛ ଅନ୍ୟ ସଫଳ ବ୍ୟାଟର ଭାବେ ଓପନର ସ୍ମୃତି ମନ୍ଧାନା ୩୩ ରନ (୨୫ବଲ୍, ୪ ଚୌକା,୧ଛକା) କରିଥିଲେ। ସେ ଓ ଶେଫାଳି ବର୍ମା (୧୪) ପ୍ରଥମ ଉଇକେଟରେ ୨୫ ରନ ଯୋଗ କରିଥିଲେଛ ସିରିଜରେ ଭାରତ ସର୍ବାଧିକ ସ୍କୋର କରିପାରିଥିଲା।

ବାଂଲାଦେଶର ଦୁଇ ସଫଳ ବୋଲର ରାବେୟା ଖାନ୍ ଓ ନାହିଦା ଅକ୍ତର ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସରେ ଟପ୍ ସ୍କୋରର ରୀତୁ ମୋନି ୩୭ ରନ କରିଥିବାବେଳେ ସୋର୍ଫିଆ ଖାତୁନ ୨୮ ଏବଂ ରୁବିୟା ହାଇଦର ୨୦ ରନ କରିଥିଲେ। ଭାରତ ତରଫରୁ ରାଧା ଯାଦବ ୨୪ ରନ ଦେଇ ୩ ଏବଂ ଆଶା ସୋଭାନା ୨୫ ରନ ଦେଇ ୨ଟି ଉଇକେଟ ନେଇଥିଲେ। ରାଧା ଯାଦବ ଉଭୟ ପ୍ଲେୟାର ଅଫ୍ଟିମ୍ୟୁ ଓ ସିରିଜ ବିବେଚିତ ହୋଇଥିଲେ।

ଡ. ଗୌରି ମହାନ୍ତି ଜାତୀୟ କରାଟେ ସଂଘର କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ

ଭୁବନେଶ୍ୱର,୯।୫ (ନି.ପ୍ର.): ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘର ସାଧାରଣ ସମ୍ପାଦକ ଡ. ଗୌରି ମହାନ୍ତି ଆଜି ଡେରାଡୁନ ଠାରେ ଅନୁଷ୍ଠିତ ଜାତୀୟ କରାଟେ ସଂଘ 'କରାଟେ ଇଣ୍ଡିଆ ଅର୍ଗାନାଇଜେସନ'ର ନିର୍ବାଚନରେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତି ହୋଇଛନ୍ତି । ମୋଟ ୩୪ଟି ରାଜ୍ୟ ସଂଘ ତଥା କେନ୍ଦ୍ର ତଥା କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଗଠିତ କରାଟେ ଇଣ୍ଡିଆ ଅର୍ଗାନାଇଜେସନର ଏହି ନିର୍ବାଚନରେ ସମୁଦାୟ ୧୨ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ହାନଶୀ ଭରତ ଶର୍ମା, ସଭାପତି, ସିହାନ ସଞ୍ଜୀବ କାଙ୍ଗରା, ସମ୍ପାଦକ ଓ ମୁଟୁମ ବଙ୍କିମ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ମହେଶ ଗୌଡା, ଜୟ ପ୍ରକାଶ ଓ କଲପେଶ ମଙ୍କାନା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । କୀର୍ତ୍ତନ କୁନ୍ଦୁରୁ, ଯଶପାଲ ସିଂ ଓ ନଗେନ ବେଙ୍ଗନାଙ୍ଗ ସହ ସମ୍ପାଦକ ଏବଂ ଡ. ଗୌରୀ ମହାନ୍ତି, ସନ୍ଦିପ ଗାଡେ ଓ ଆମ୍ବେଦକର ଗୁପ୍ତା କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।

ଜାତୀୟ ସଂଘର ୨୦୨୪ରୁ ୨୦୨୮ ପର୍ଯ୍ୟନ୍ତ ଗଠିତ ଏହି ଏକଜିକ୍ୟୁଟି ବଡିରେ ଡ. ଗୌରି ମହାନ୍ତି ଏକମାତ୍ର ମହିଳା ସଦସ୍ୟ ଅଟନ୍ତି ଏବଂ ଜାତୀୟ କରାଟେ ସଂଘର ଇତିହାସରେ ମଧ୍ୟ ପ୍ରଥମ ମହିଳା ସଦସ୍ୟ ଅଟନ୍ତି । କ୍ରିଡାବିତ ଜୀବନରେ ଗୌରୀ ଜାତୀୟ କରାଟେ ପ୍ରତିଯୋଗୀରେ ଚାମ୍ପିଅନ ହୋଇଥିବାବେଳେ ରାଇଫଲ ଶୁଟିଂରେ ରିନାଉଣ୍ଡ ଶଟ ହୋଇ ଅନେକ ଜାତୀୟ ପ୍ରତିଯୋଗିତା ଓ ଜାତୀୟ କ୍ରିଡାରେ ଭାଗ ନେଇଛନ୍ତି । ଓଡ଼ିଶା ରାଜ୍ୟ କରାଟେ ସଂଘର ସମସ୍ତ ସଦସ୍ୟ ଗୌରିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

୩୦ହଜାର ସମର୍ଥକଙ୍କ ସହ ନିମାପଡା ବିଜେପି ପ୍ରାର୍ଥୀ ପ୍ରଭାତୀଙ୍କ ପ୍ରାର୍ଥୀପତ୍ର ଦାଖଲ

ନିମାପଡା,୯।୫(ନି.ପ୍ର): ନିମାପଡା ବିଧାନସଭା ମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡା ଆଜି ତାଙ୍କର ୩୦ ହଜାର ସମର୍ଥକଙ୍କ ସହିତ ପୁରୀ ଯାଇ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିମାପଡା ବଜାରରେ ଥିବା ମା' ପୂର୍ଣ୍ଣେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସାରି ପୁରୀ ଅଭିମୁଖେ ସମର୍ଥକଙ୍କ ସହ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବାହାରିଥିଲେ । ନିମାପଡା ବଜାର, ଗୋପ ବଜାର, ନାଗପୁର ବଜାର, ଛଇତନା ବଜାର ପରିକ୍ରମାକରି ପୁରୀରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତାଂକ ସହ ପୂର୍ବତନ ଜିଲ୍ଲାପରିଷଦସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଜିଲ୍ଲାପରିଷଦସଭ୍ୟ ପ୍ରମୋଦ କୁମାର ରାୟ, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଓଝା, ଅଜୟ କୁମାର ସ୍ୱାଇଁ, ପ୍ରଦୀପ୍ତଖଟୋଇ, ଶଙ୍କର ଭୋଇ, ଅଶୋକ ସାହୁ, ସନ୍ତୋଷ ଦାଶ, ଦେବାଶିଷ ଆଚାର୍ଯ୍ୟ, ଅଜୟ କୁମାର ପରିଡା, ଅନୁସ୍ୱୟା ମହାନ୍ତି, ମୀନଲତା ମହାନ୍ତିଙ୍କ ସମେତ ହଜାର ହଜାର ସମର୍ଥକ ପୁରୀ ଅଭିମୁଖେ ଯାତ୍ରା କରିଥିଲେ ।

କରାଟେ ପ୍ରଶିକ୍ଷଣ ଓ ପରୀକ୍ଷା

ଶରୀରକୁ ରୋଗମୁକ୍ତ ରଖିବାକୁ ପରାମର୍ଶ

ଅସ୍ତରଙ୍ଗ,୯।୫(ନି.ପ୍ର.): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମା' ଡାଳଖାଇ କରାଟେ ସ୍କୁଲ ଦ୍ୱାରା ଆୟୋଜିତ ଆତ୍ମରକ୍ଷା କୌଶଳର ଟ୍ରେନିଂ ଶିବିର ଅନୁଷ୍ଠିତ। ଏହି ଉଦଯାପିତ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତି ଅକ୍ଷୟ କୁମାର ଲେଙ୍କା, ସମାଜସେବୀ ଝରେନ୍ଦ୍ର ବିଶ୍ୱାଳ, ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ କୁନି କୁନି ପିଲାଙ୍କୁ କରାଟେ ଶିକ୍ଷାପ୍ରଦାନ କରୁଥିବା ପ୍ରଶିକ୍ଷକ ନାରାୟଣ ଦାସ ଉପସ୍ଥିତ ଥିଲେ। ଶରୀରକୁ କିଭଳି ରୋଗମୁକ୍ତ ରଖାଯାଇପାରିବ ସେ ନେଇ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କ ମଧ୍ୟରୁ ସୋମ୍ୟଜିତ ଲେଙ୍କା ଓ ଏସ କେ ଫରଦାଉଦିନଙ୍କୁ ବ୍ଲାକବେଲ୍ଟ ସହ ୧୨ଜଣ ଙ୍କୁ ହଳଦିଆ ବେଲ୍ଟ, ୫ଜଣଙ୍କୁ ସବୁଜ ବେଲ୍ଟ, ୭ଜଣଙ୍କୁ ବାଇଗଣୀ ବେଲ୍ଟ ଓ ୮ଜଣଙ୍କୁ ବାଦାମୀ ରଙ୍ଗର ବେଲ୍ଟ ପ୍ରଦାନ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା।

ଆମ୍ରି ହସ୍ପିଟାଲ ପରିସରରେ ଲିଭର କ୍ଲିନିକ ଉଦ୍‌ଘାଟିତ

ଭୁବନେଶ୍ୱର,୯।୫(ନି.ପ୍ର.): ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ପରିସରରେ ଲିଭର କ୍ଲିନିକର ଶୁଭାରମ୍ଭ ହୋଇଯାଇଛି। ଏହି ଉଦଘାଟନୀ ସମାରୋହରେ ଯକୃତ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତିଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହା ସହ ବିଶେଷଜ୍ଞ ଡାକ୍ତରୀ ଟିମର ମାର୍ଗଦର୍ଶନରେ ଅଂଶଗ୍ରହଣକାରୀମାନେ ଉପଯୁକ୍ତ ପରାମର୍ଶ ନେଇଥିଲେ। ଲିଭର କ୍ଲିନିକର ଶୁଭାରମ୍ଭ ଅବସରରେ ଆମ୍ରି ହସ୍ପିଟାଲର ଦକ୍ଷିଣ-ପୂର୍ବାଞ୍ଚଳ ନିର୍ଦ୍ଦେଶକ ଡ. ସୁଧାକର କାନ୍ତିପୁଡ଼ି କହିଛନ୍ତି, ଭୁବନେଶ୍ୱରରେ ଯକୃତ ରୋଗ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଉଛି। ତେଣୁ ଫଳପ୍ରଦ ଚିକିତ୍ସା ପାଇଁ ଶୀଘ୍ର ରୋଗ ନିର୍ଣ୍ଣୟ କରିବା ନିହାତି ଆବଶ୍ୟକ। ଏହି ନୂତନ ଲିଭର କ୍ଲିନିକ୍ ଅତ୍ୟନ୍ତ ଆବଶ୍ୟକୀୟ ଏବଂ ଉନ୍ନତ ଜ୍ଞାନକୌଶଳ ସହିତ ଚିକିତ୍ସା ପ୍ରଦାନ କରିବ ଏବଂ ଯକୃତ ରୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବ। ଆମ୍ରି ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ଶକ୍ତିମାୟା ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱରରେ ଏହି ଲିଭର କ୍ଲିନିକର ଶୁଭାରମ୍ଭ କରି ଆମେ ଆନନ୍ଦିତ। ଗୋଟିଏ ଛାତ ତଳେ ରୋଗ ନିରାକରଣ, ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଉପରେ ଧ୍ୟାନ ଦେଇ ଆମେ ଯକୃତ ରୋଗରେ ପୀଡ଼ିତ ଲୋକଙ୍କ ଜୀବନର ଗୁଣବତ୍ତାରେ ଯଥେଷ୍ଟ ଉନ୍ନତି ଆଣିପାରିବା। ପରାମର୍ଶଦାତା ତଥା ଯକୃତ ପ୍ରତିରୋପଣ ସର୍ଜନ ଡାକ୍ତର ରାଜଶେଖର କେ ଯକୃତ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଯକୃତ ରୋଗର ଶେଷ ପର୍ଯ୍ୟାୟରେ ଉନ୍ନତ ଚିକିତ୍ସା ସହ ଯକୃତ ପ୍ରତିରୋପଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଜୀବନଶୈଳୀରେ ପରିବର୍ତ୍ତନ ଆଣି ଯକୃତ ରୋଗକୁ ଏଡ଼ାଇବା ଏବଂ ସାମଗ୍ରିକ ସୁସ୍ଥତା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମ୍ରି ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିର ବରିଷ୍ଠ ପରାମର୍ଶଦାତା ଡାକ୍ତର ପ୍ରତାପ ବେହେରା ଆଲୋକପାତ କରିଥିଲେ। ଆମ୍ରି ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ପରାମର୍ଶଦାତା ଡାକ୍ତର ଜ୍ଞାନରଞ୍ଜନ ରାଉତ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଯକୃତ ରୋଗର ନିରବ ପ୍ରକୋପ ଯକୃତର ସର୍ବୋତ୍ତମ ସ୍ୱାସ୍ଥ୍ୟ ପାଇଁ ସକ୍ରିୟ ପଦକ୍ଷେପ ଏବଂ ବିଶେଷ ଯତ୍ନର ଗୁରୁତ୍ୱକୁ ସୂଚାଇଥାଏ।

ସହାୟତାକୁ ଚାହିଁ ରହିଛନ୍ତି ନବ ଦମ୍ପତି: ଅସହାୟ ହୋଇ ପଡିଛନ୍ତି ନମିତା

ବାଙ୍କୀ,୯।୫(ନି.ପ୍ର.): ସୁଖରେ ସଂସାର ଟିଏ କରିବେ ଆଉ, ଦୁହେଁ ଦୁହିଁଙ୍କ ସୁଖଦୁଃଖ ରେ ଠିଆ ହୋଇ ସାରା ଜୀବନ କାଟିଦେବେ ଏମିତି ମନରେ ବହୁତ କିଛି ସ୍ୱପ୍ନ ନେଇ ଅଗ୍ନି କୁ ସାକ୍ଷୀ ରଖି ସାତଜନ୍ମ ପାଇଁ ହାତ ଧରି ବାହା ହୋଇ ଆସିଥିଲେ । ହସ ଖୁସି ରେ ସଂସାର ମଧ୍ୟ ଆରମ୍ଭ କରିଥିଲେ, ହେଲେ ଖୁସି ବେଶୀ ଦିନ ରହିପାରିଲାନାହିଁ । ବୋଧ ହୁଏଁ ଧି ର ବିଧାନ ଆଉ କିଛି ଥିଲା । ବିବାହ ର ମାସ କେଇଟା ନପୂରୁଣୁ ପରିବାର ଉପରକୁ ଘୋଟି ଆସିଥିଲା ଦୁଃଖ ର କଳା ବାଦଲ । ହଁ ଆଜ୍ଞା ଏ ଘଟଣା ହେଉଛି କଟକ ଜିଲ୍ଲା ବାଙ୍କୀ ଖଜୁରୀ ପଦା ଗାଁ ର ରୋଗାକ୍ରାନ୍ତ ଶଙ୍କର ପ୍ରଧାନଙ୍କର । ଖଜୁରୀ ପଦା ଗାଁ ର ଶଙ୍କର ସେହି ଗାଁର ନମିତାଙ୍କୁ ୨୦୨୩ ମେ ରେ ବିବାହ କରିଥିଲେ । ବିବାହ ର କିଛି ଦିନ ପରେ ଶଙ୍କର ନିଜ ର କର୍ମ କ୍ଷେତ୍ର ବାଙ୍ଗାଲୋରକୁ କାମ ପାଇଁ ବାହାରିଯାଇଥିଲେ । ଏବଂ କିଛି ଦିନ ପରେ ଶଙ୍କରଙ୍କ ପେଟ ରେ ଯନ୍ତ୍ରଣା ହେବାରୁ ସେ ଓଡିଶା ଆସି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ଦେଖାଇବାରୁ ତାଙ୍କର ପାନକ୍ରିୟାଟିସ ହୋଇଛି ବୋଲି ଜାଣିବାକୁ ପାଇଲେ ଏବଂ ତାର ଚିକିତ୍ସା କରୁଥିବା ବେଳେ ପୁଣି ଆରମ୍ଭ ହୋଇଥିଲା ଆଉ ଏକ ମାରାତ୍ମକ ରୋଗ । ଇଲୋଷ୍ଟୋମୀ । ଯାହା ଏବେ ତାଙ୍କ ସୁଖର ସଂସାର ର ମୂଳ ଦୁଆକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି । ୨୦୨୩ ଅକ୍ଟୋବର ରୁ ଆଜି ପର୍ଯ୍ୟନ୍ତ ରୋଗ ଶଯ୍ୟାରେ ପଡିରହିଛନ୍ତି ଶଙ୍କର ଏବଂ ଇତି ମଧ୍ୟରେ ଚାରି ଚାରିଟି ସର୍ଜରୀ ମଧ୍ୟ ତାଙ୍କର ହୋଇସାରିଲାଣି । ଏବେ ତଥାପି ଆହୁରି ସର୍ଜରୀ ଏବଂ ଅଧିକା ଚିକିତ୍ସା ର ଆବଶ୍ୟକ ପଡୁଛି ଏବେ ଶଙ୍କର ଙ୍କର । ଏପଟେ ରୋଗ ଯନ୍ତ୍ରଣା ରେ ଛଟପଟ ହେଉଥିବା ଶଙ୍କର ଙ୍କୁ ସ୍ତ୍ରି ନମିତା ଯଥା ସମ୍ଭବ ଚିକିତ୍ସା କରାଇ ସହ ମାନସିକ ଏବଂ ଆର୍ଥିକ ସମର୍ଥନ ଦେଇଆସିଥିଲେ ମଧ୍ୟ ଆଉ ଅଧିକା ଚିକିତ୍ସା ପାଇଁ ଲୋଡ଼ା ପଡୁଛି ବହୁତ ଅର୍ଥ । ଯେଉଁଥି ପାଇଁ ଏବେ ଅସହାୟ ହୋଇ ପଡିଛନ୍ତି ସ୍ତ୍ରୀ ନମିତା । ପାଖରେ ଯାହା କିଛି ସମ୍ବଳ ଥିଲା ତାହା ଏବେ ଶେଷ ହୋଇସାରିଛି ଏବଂ ସରକାରଙ୍କ ଇଗରଡ କାର୍ଡ ରେ ମିଳିଥିବା ରାଶି ମଧ୍ୟ ଏବେ ସମାପ୍ତ ହୋଇଯାଇଛି । ଏଣେ ନିୟମିତ ସ୍ୱାସ୍ଥ୍ୟ ଅବସ୍ଥା ର ଯାଞ୍ଚ ପାଇଁ ଶଙ୍କରଙ୍କୁ ବାରମ୍ବାର ହସ୍ପିଟାଲ ଯିବାକୁ ପଡୁଥିବାରୁ ଏବେ ବାଧ ହୋଇ ଭୁବନେଶ୍ୱରର ଏକ ବସ୍ତି ରେ ରହୁଛନ୍ତି ଶଙ୍କର ଏବଂ ନମିତା । ହେଲେ ପରିସ୍ଥିତି ଏବେ ଏମିତି ଜେ, ସେ ଘରର ଭଡା ଦେବା ପାଇଁ ମଧ୍ୟ ନିରୁପାୟ ହୋଇପଡିଲେଣି ସ୍ତ୍ରି ନମିତା । ତେଣୁ ନିରୁପାୟ ହୋଇ ଆକୁଳ କଣ୍ଠ ରେ ଏବେ ଜନସାଧାରଣଙ୍କୁ ସାହାଯ୍ୟ ପାଇଁ ଗୁହାରି କରିଛନ୍ତି ଶଙ୍କର ଏବଂ ସ୍ତ୍ରି ନମିତା । ଯଦି କେହି କିଛି ସହଯୋଗ ର ହାତ ବଢାଇବା ପାଇଁ ଇଚ୍ଛା କରନ୍ତି ତେବେ ତାଙ୍କୁ ସିଧାସଳଖ ଯୋଗାଯୋଗ କରି ସହଯୋଗ କରି ପାରନ୍ତି । ହୁଏତ ଆପଣ ଙ୍କ ଛୋଟିଆ ସାହାଯ୍ୟ ଟେ ସେମାନଙ୍କ ଆଗାମୀ ଜୀବନକୁ ସୁଖ ମୟ କରିପାରେ ।

ଶିଶୁଅ ପଞ୍ଚାୟତରେ ମିଶ୍ରଣ ପର୍ବ

ବିଜେଡିରେ ସାମିଲ ହେଲେ ୪୦ ପରିବାର

ଅସ୍ତରଙ୍ଗ,୯।୫(ନି.ପ୍ର.): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ୪୦ପରିବାର ସାମିଲ ହୋଇଛନ୍ତି। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଅ ପଞ୍ଚାୟତ ମୀରାଡ଼ି ଠାରେ ବିଜୁ ଜନତା ଦଳତରଫରୁ କର୍ମୀସମ୍ମିଳନୀ, ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ବିଜେଡି ବିଧାୟକ ପ୍ରାଥୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି ଶିଶୁଅ ସରପଞ୍ଚ ଜୋସ୍ନାରାଣୀ ପରିଡା, ସମିତି ସଭ୍ୟା ଆରତୀ କାଣ୍ଡି ପ୍ରମୁଖ ଉପସ୍ଥିତ ଥିବାବେଳେ ସଭାପରିଚାଳନା କରିଥିଲେ ପଞ୍ଚାୟତ ବିଜେଡି ସଭାପତି ପବିତ୍ର ମୋହନ ପରିଡା । ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି କର୍ମୀ । ନବୀନ ବିକାଶ ପଥକୁ ଆଗକୁ ନେବା ସହ ନିଜ ଅଞ୍ଚଳର ବିକାଶ କରିବେ ବୋଲି କର୍ମୀ ନିଷ୍ପତ୍ତି ନେଇଛନ